

# ଓଡ଼ିଶାର
# ପ୍ରାଚୀନତମ ଜନଜାତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଜିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ




# ଓଡ଼ିଶାର ପ୍ରାଚୀନତମ ଜନଜାତି


**ମୂଳ ଇଂରାଜୀ**
ଅଖିଳ ବିହାରୀ ଓଟା
ଶରତ ଚନ୍ଦ୍ର ମହାନ୍ତି
ବିଜ୍ଞାନାନନ୍ଦ ମହାନ୍ତି
ତ୍ରିଲୋଚନ ସାହୁ

**ଓଡ଼ିଆ ଅନୁସୃଜନ**
ଅଖିଳ ବିହାରୀ ଓଟା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**
ଭୁବନେଶ୍ୱର - ୭୫୧୦୦୯



# ଉପକ୍ରମ

ଆମ ଦେଶ ଭାରତ ବର୍ଷରେ ଶତାଧିକ ଅନୁସୂଚିତ ଜନଜାତି ଗୋଷ୍ଠୀ ବାସ କରୁଛନ୍ତି । ସାଧାରଣତଃ ଦୁର୍ଗମ ପାହାଡ଼ ଓ ପାର୍ବାତ୍ୟାଞ୍ଚଳରେ ସେମାନଙ୍କର ବସତି ରହିଆସିଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ଅନଗ୍ରସର । ଯେଉଁ ଅନୁସୂଚିତ ଜନଜାତି ଗୋଷ୍ଠୀ ଅତି ଦୁର୍ଗମ ଅଞ୍ଚଳରେ ବାସ କରିବା ସହିତ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ନିହାତି ପଛୁଆ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ତାଙ୍କ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ "ପ୍ରାଚୀନତମ ଗୋଷ୍ଠୀ" ଅନ୍ତର୍ଭୁକ୍ତ କରାଯାଇଛି ।

## ପ୍ରାଚୀନତମ ଆଦିବାସୀ ଗୋଷ୍ଠୀ ଚିହ୍ନଟ ମାନଦଣ୍ଡ :

ଭାରତ ସରକାର ପ୍ରାଚୀନତମ ଆଦିବାସୀ ଗୋଷ୍ଠୀକୁ ଠାବକରି ଚିହ୍ନଟ କରିବା ଓ ଶ୍ରେଣୀ ବିଭାଜନ କରିବା ଲକ୍ଷ୍ୟରେ ନିମ୍ନୋକ୍ତ କେତେକ ମୁଖ୍ୟ ମାନଦଣ୍ଡକୁ ଆଧାର ଭାବରେ ଗ୍ରହଣ କରିଛନ୍ତି ।

- ବିଚ୍ଛିନ୍ନ ବସତି ଅଞ୍ଚଳରେ ପ୍ରାଚୀନତମ ଜନଜାତି ଗୋଷ୍ଠୀ ବସବାସ କରନ୍ତି ।
- ପ୍ରାଚୀନତମ ଜନଜାତି ଗୋଷ୍ଠୀର ଜନସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ଅଥବା ସ୍ଥିର ରହୁଥିବାର ଲକ୍ଷ୍ୟ କରାଯାଉଛି ।
- ସାକ୍ଷରତା ହାର ସ୍ୱଳ୍ପ ।
- ଶିକାର, ଖାଦ୍ୟସଂଗ୍ରହ ଓ ପୋଡୁଚାଷ କରି ଜୀବନ ଜୀବିକା ନିର୍ବାହ କରନ୍ତି । ସେମାନଙ୍କର ବୈଷୟିକ ଜ୍ଞାନ ଅତ୍ୟନ୍ତ ନିମ୍ନସ୍ତରର ହୋଇଥାଏ ।


## ଜୀବନ ସଂଗ୍ରାମ :

- ପ୍ରାଚୀନତମ ଜନଜାତି ଗୋଷ୍ଠୀର ଚରିତ୍ର, ଆଚରଣ ଓ ବ୍ୟବହାରରେ ବହୁବିଧ ବିଚିତ୍ରତା ପରିଲକ୍ଷିତ ହୁଏ ।
- ଦୁର୍ଗମ ପାହାଡ଼ ଓ ପାର୍ବତ୍ୟାଞ୍ଚଳର ପୃଥକ ଭୌଗୋଳିକ ପରିବେଶ ଓ ପରିବେଷ୍ଟନୀରେ ଜୀବନ ଜୀବିକା ନିର୍ବାହ କରିବାରେ ସେମାନେ ଅଭ୍ୟସ୍ତ ।
- ସେମାନଙ୍କର ବସତି ଦୁର୍ଗମ ଅଞ୍ଚଳରେ ଅବସ୍ଥିତ କାରଣରୁ ପ୍ରଶାସନିକ ବ୍ୟବସ୍ଥା ଓ ମୌଳିକ ଭିତ୍ତି ଭୂମିର ଅଭାବ ରହିଛି ।
- ସେମାନେ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଅତ୍ୟନ୍ତ ଜଟିଳ ଓ ଭଙ୍ଗୁର ପରିବେଶରେ ଉଦାସୀନ ଜୀବନ ଅତିବାହିତ କରୁଛନ୍ତି ।

- ସେମାନଙ୍କର ପାରମ୍ପରିକ ଜୀବନ ଓ ଜୀବିକା ନିର୍ବାହ ପ୍ରଣାଳୀ ଦିନକୁ ଦିନ ବଦଳିବାରେ ଲାଗିଛି । ପୁରୁଣା ମୂଲ୍ୟବୋଧ କ୍ରମଶଃ ହ୍ରାସ ପାଉଛି ।
- ପ୍ରାଚୀନତମ ଜନଜାତି ଗୋଷ୍ଠୀ ସାମାଜିକ-ଅର୍ଥନୈତିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ଅନ୍ୟାନ୍ୟ ଅନୁସୂଚିତ ଜନଜାତିଙ୍କ ତୁଳନାରେ ବହୁତ ପଛରେ ଅଛନ୍ତି ।
- ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ଅନ୍ୟ ଜନଜାତିଙ୍କ ଠାରୁ ଅଲଗା । ପ୍ରାଚୀନତମ ଜନଜାତି ଗୋଷ୍ଠୀର ସର୍ବାଙ୍ଗୀନ ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଜନଜାତି ମାନଙ୍କ ସ୍ୱତନ୍ତ୍ର ଉନ୍ନୟନ ନିମନ୍ତେ ଆଦିବାସୀ ଉପଯୋଜନା (Tribal sub-plan) ଆରମ୍ଭ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ପ୍ରାଚୀନତମ ଜନଜାତି ଗୋଷ୍ଠୀକୁ ଚିହ୍ନଟ କରି ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ସ୍ୱତନ୍ତ୍ର ଉନ୍ନୟନମୂଳକ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି ।





# ଭାରତର ପ୍ରାଚୀନତମ ଜନଜାତି ଗୋଷ୍ଠୀ

ଭାରତ ବର୍ଷର ଅବିଭକ୍ତ ୧୪ ଗୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ (ଆଣ୍ଡାମାନ ଓ ନିକୋବର) ଦ୍ୱୀପପୁଞ୍ଜରେ ମୋଟ ୭୫ ଗୋଟି ପ୍ରାଚୀନତମ ଜନଜାତି ଗୋଷ୍ଠୀ ବସବାସ କରୁଛନ୍ତି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ଆକଳନ ଅନୁଯାୟୀ ଏମାନଙ୍କର ସଂଖ୍ୟା ହାରାହାରି ୧.୩୬ ନିୟୁତ । ୨୦୦୧ ମସିହାର ଜନଗଣନା ହିସାବରେ ସମୁଦାୟ ଅନୁସୂଚିତ ଜନଜାତି ସଂଖ୍ୟାର ଏହା ଶତକଡ଼ା ୨ ଭାଗ ।

| ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ | ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ସଂଖ୍ୟା | ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ | ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ସଂଖ୍ୟା |
|---|---|---|---|
| ଆନ୍ଧ୍ରପ୍ରଦେଶ | ୧୨ | ଓଡ଼ିଶା | ୧୩ |
| ବିହାର | ୦୯ | ରାଜସ୍ଥାନ | ୦୧ |
| ଗୁଜୁରାଟ | ୦୫ | ତାମିଲନାଡୁ | ୦୬ |
| କର୍ଣ୍ଣାଟକ | ୦୨ | ତ୍ରିପୁରା | ୦୧ |
| ମଧ୍ୟପ୍ରଦେଶ | ୦୭ | ଉତ୍ତର ପ୍ରଦେଶ | ୦୨ |
| ମହାରାଷ୍ଟ୍ର | ୦୩ | ପଶ୍ଚିମବଙ୍ଗ | ୦୩ |
| ମଣିପୁର | ୦୧ | ଆଣ୍ଡାମାନ ଓ ନିକୋବର (କେନ୍ଦ୍ରଶାସିତ ଅଞ୍ଚଳ) | ୦୫ |
| କେରଳ | ୦୫ | ମୋଟ | ୭୫ |


## ଓଡ଼ିଶାର ପ୍ରାଚୀନତମ ଜନଜାତି ଗୋଷ୍ଠୀ :

ଭାରତ ବର୍ଷର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତୁଳନାରେ ଓଡ଼ିଶାରେ ସର୍ବାଧିକ ୧୩ଟି ଗୋଷ୍ଠୀର ପ୍ରାଚୀନତମ ଜନଜାତି ବାସ କରୁଛନ୍ତି । ସେମାନେ ହେଲେ- ବଣ୍ଡା, ବିରହୋର, ଡିଡ଼ାୟୀ, ପାଉଡ଼ିଭୂୟାଁ, ଲାଞ୍ଜିଆ ସଉରା, ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଜୁଆଙ୍ଗ, ଚୁକଟିଆ ଭୁଞ୍ଜିଆ, ଲୋଧା ଓ ସଉରା ।

ବିଭିନ୍ନ ଯୋଜନା କାଳରେ ଓଡ଼ିଶାରେ ଚିହ୍ନିତ ପ୍ରାଚୀନତମ ଜନଜାତି ଗୋଷ୍ଠୀ :

| କ୍ର. ସଂ. | ଯୋଜନା କାଳ | ବର୍ଷ | ପ୍ରାଚୀନତମ ଜନଜାତି ଗୋଷ୍ଠୀ |
|---|---|---|---|
| ୧ | ପଞ୍ଚମ ପଞ୍ଚବାର୍ଷିକ ଯୋଜନା | ୧୯୭୪-୭୯ | ବଣ୍ଡା |
| ୨ | ଯୋଜନା ବିରତି | ୧୯୭୯-୮୦ | ଜୁଆଙ୍ଗ, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ସଉରା, ପାଉଡ଼ି ଭୂୟାଁ, ବିରହୋର |
| ୩ | ସପ୍ତମ ପଞ୍ଚବାର୍ଷିକ ଯୋଜନା | ୧୯୮୫-୯୦ | ଡିଡ଼ାୟୀ, ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ, ଲୋଧା |
| ୪ | ଅଷ୍ଟମ ପଞ୍ଚବାର୍ଷିକ ଯୋଜନା | ୧୯୯୨-୯୭ | ଚୁକଟିଆ ଭୁଞ୍ଜିଆ |





# ପ୍ରାଚୀନତମ ଜନଜାତି ଗୋଷ୍ଠୀର ଶ୍ରେଣୀ ବିଭାଗ


**ବିବିଧ ଭୌଗୋଳିକ ଅଞ୍ଚଳ :**

| ଭୌଗୋଳିକ ଅଞ୍ଚଳ | ପ୍ରାଚୀନତମ ଜନଜାତି ଗୋଷ୍ଠୀ |
|---|---|
| • ଉତ୍ତରାଞ୍ଚଳ ଉପତ୍ୟକା | ଜୁଆଙ୍ଗ, ପାଉଡ଼ି ଭୂୟାଁ, ଲୋଧା, ମାଙ୍କିଡ଼ିଆ, ବିରହୋର, ପାହାଡ଼ି ଖଡ଼ିଆ |
| • ପୂର୍ବ ଘାଟ ପାର୍ବତ୍ୟାଞ୍ଚଳ | ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ବଣ୍ଡା, ଡିଡ଼ାୟୀ, ଚୁକଟିଆ ଭୁଞ୍ଜିଆ |
| **ଭାଷାଗୋଷ୍ଠୀ** | |
| • ଭାରତୀୟ-ଆର୍ଯ୍ୟ | ପାହାଡ଼ି ଖଡ଼ିଆ, ପାଉଡ଼ି ଭୂୟାଁ, ଲୋଧା, ଚୁକଟିଆ ଭୁଞ୍ଜିଆ, |
| • ଦ୍ରାବିଡ଼ | ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ |
| • ଅଷ୍ଟ୍ରୋ-ଏସିଆଟିକ୍/ ମୁଣ୍ଡା | ବିରହୋର, ବଣ୍ଡା, ଜୁଆଙ୍ଗ, ସଉରା, ଲାଞ୍ଜିଆ ସଉରା, ମାଙ୍କିଡ଼ିଆ, ଡିଡ଼ାୟୀ |
| **ଅର୍ଥନୈତିକ ଓ ବୈଷୟିକ ସ୍ତର :** | |
| **ବୈଷୟିକ ଅର୍ଥନୀତି** | |
| • ଶିକାରୀ, ଖାଦ୍ୟ ସଂଗ୍ରହକାରୀ | ବିରହୋର, ମାଙ୍କିଡ଼ିଆ, ପାହାଡ଼ି ଖଡ଼ିଆ |
| • ପୋଡୁଚାଷ | ବଣ୍ଡା, ଡିଡ଼ାୟୀ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, ଜୁଆଙ୍ଗ, ଲାଞ୍ଜିଆ ସଉରା, ପାଉଡ଼ି ଭୂୟାଁ, ସଉରା |
| • ସୋପାନ କୃଷି | ସଉରା, ଲାଞ୍ଜିଆ ସଉରା |
| • ସାଧାରଣ କୃଷି | ଲୋଧା, ଚୁକଟିଆ ଭୁଞ୍ଜିଆ |
| **ଅଞ୍ଚଳ ସମୂହ** | |
| • ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ | ବଣ୍ଡା, ବିରହୋର, ଡିଡ଼ାୟୀ, ଡଙ୍ଗରିଆ କନ୍ଧ, ପାହାଡ଼ି ଖଡ଼ିଆ, ଜୁଆଙ୍ଗ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା ଓ ମାଙ୍କିଡ଼ିଆ |
| • ଜନଜାତି ଉପଯୋଜନା ବର୍ହିଭୂତ | ଚୁକଟିଆ ଭୁଞ୍ଜିଆ |

ପ୍ରଶାସନିକ ଅଞ୍ଚଳ :

| ଅଞ୍ଚଳ | |
|---|---|
| • ପଶ୍ଚିମାଞ୍ଚଳ | କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ |
| • ଉତ୍ତରାଞ୍ଚଳ | ମୟୂରଭଞ୍ଜ, କେଉଁଝର |
| • ଦକ୍ଷିଣାଞ୍ଚଳ | ମାଲକାନାଗିରି, ରାୟଗଡ଼ା, ଫୁଲବାଣୀ, ଗଜପତି, ଗଞ୍ଜାମ |





# ଅଣୁ ପ୍ରକଳ୍ପ ସ୍ଥାପନା

| ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ନାମ | ଯୋଜନା କାଳ | ଅଣୁ-ପ୍ରକଳ୍ପର ନାମ ଓ ଠିକଣା | ଅନ୍ତର୍ଭୁକ୍ତ ବ୍ଲକ | ଜିଲ୍ଲା | ସ୍ଥାପନା ବର୍ଷ |
|---|---|---|---|---|---|
| ଲୋଧା | ସପ୍ତମ ପଞ୍ଚବାର୍ଷିକ ଯୋଜନା- ୧୯୮୫-୯୦ | ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା | ଶୁଳିଆପଦା ମୋରଡ଼ା | ମୟୂରଭଞ୍ଜ | ୧୯୮୫-୮୬ |
| ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ ବିରହୋର | ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦ | ପାହାଡ଼ି ଖଡ଼ିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା ଯଶୀପୁର | କରଞ୍ଜିଆ ଓ ଯଶୀପୁର | ମୟୂରଭଞ୍ଜ | ୧୯୮୬-୮୭ |
| ପାଉଡ଼ି ଭୂୟାଁ | ବାର୍ଷିକ ଯୋଜନା ୧୯୭୯-୮୦ | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟ ଗାଁ | ଲହୁଣୀ ପଡ଼ା | ସୁନ୍ଦରଗଡ଼ | ୧୯୭୮-୭୯ |
| | | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ଜମର ଡିହି* | ପାଲଲହଡ଼ା | ଅନୁଗୁଳ | ୧୯୭୮-୭୯ |
| | ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ୧୯୯୨-୯୭ | ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ରୁଗୁଡ଼ା କୁଦର* | ବାରକୋଟ | ଦେଓଗଡ଼ | ୧୯୯୩-୯୪ |
| କୁଆଙ୍ଗ | ବାର୍ଷିକ ଯୋଜନା ୧୯୭୯-୮୦ | କୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନାସିକା | ବାଂଶପାଳ | କେଉଁଝର | ୧୯୭୮-୭୯ |
| ଡଙ୍ଗରିଆ କନ୍ଧ | ବାର୍ଷିକ ଯୋଜନା ୧୯୭୯-୮୦ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି, ଚାଟିକୋଣା | ବିଷମ କଟକ ମୁନିଗୁଡ଼ା | ରାୟଗଡ଼ା | ୧୯୭୮-୭୯ |
| | ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପାରସାଲି | କଲ୍ୟାଣସିଂ ପୁର | ରାୟଗଡ଼ା | ୧୯୮୭-୮୮ |

| | | | | | |
|---|---|---|---|---|---|
| ସଉରା | ବାର୍ଷିକ ଯୋଜନା ୧୯୭୯-୮୦ | ସଉରା ଉନ୍ନୟନ ସଂସ୍ଥା ଚନ୍ଦ୍ରଗିରି | ମୋହନା | ଗଜପତି | ୧୯୭୮-୭୯ |
| | ବାର୍ଷିକ ଯୋଜନା ୧୯୭୯-୮୦ | ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା* | ପାତ୍ରପୁର | ଗଞ୍ଜାମ | ୧୯୭୮-୭୯ |
| ଲାଞ୍ଜିଆ ସଉରା | ବାର୍ଷିକ ଯୋଜନା ୧୯୭୯-୮୦ | ଲାଞ୍ଜିଆ ସାଉରା ଉନ୍ନୟନ ସଂସ୍ଥା ସେରଙ୍ଗ | ଗୁମା | ଗଜପତି | ୧୯୭୮-୭୯ |
| | ଷଷ୍ଠ ପଞ୍ଚବାର୍ଷିକ ଯୋଜନା ୧୯୮୦-୮୫ | ଲାଞ୍ଜିଆ ସାଉରା ଉନ୍ନୟନ ସଂସ୍ଥା ପୁଟାସିଂ | ଗୁଣୁପୁର | ରାୟଗଡ଼ା | ୧୯୮୪-୮୫ |
| ବଣ୍ଡା | ପଞ୍ଚମ ପଞ୍ଚବାର୍ଷିକ ଯୋଜନା ୧୯୭୪-୭୯ | ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲି ପଡ଼ା | ଖଇରପୁଟ | ମାଲକାନାଗିରି | ୧୯୭୬-୭୭ |
| ଡିଡ଼ାୟୀ | ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦ | ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଦୁମୁଲୁଗୁମା | କୁଦୁମୁଲୁଗୁମା | ମାଲକାନାଗିରି | ୧୯୮୬-୮୭ |
| ଚୁକଟିଆ ଭୁଞ୍ଜିଆ | ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ୧୯୯୨-୯୭ | ଚୁକଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡ଼ା* | କୋମନା | ନୂଆପଡ଼ା | ୧୯୯୪-୯୫ |

* ଜନଜାତି ଉପଯୋଜନା ବହିର୍ଭୂତ ଅଞ୍ଚଳରେ ଅବସ୍ଥିତ । ଅବଶିଷ୍ଟ ୧୩ ଗୋଟି ଅଣୁ-ପ୍ରକଳ୍ପ ଜନଜାତି ଉପଯୋଜନା ଅଞ୍ଚଳରେ ଥିବା ୧୦ ଗୋଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅନ୍ତର୍ଭୁକ୍ତ ।



# ଉପକ୍ରମ

## ପ୍ରାଚୀନତମ ଜନଜାତି ପରିସଂଖ୍ୟାନ - ୨୦୦୭

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ଅଣୁ-ପ୍ରକଳ୍ପର ନାମ ଓ ଠିକଣା | ଗ୍ରାମ ପଞ୍ଚାୟତ ସଂଖ୍ୟା | ଗ୍ରାମ / ପଡ଼ା ସଂଖ୍ୟା | ଭୌଗୋଳିକ ପରିସୀମା ବର୍ଗ କି.ମି. | ପ୍ରତି ବର୍ଗ ଜନସଂଖ୍ୟା | ଗୃହର କି.ମି.ରେ ଜନସଂଖ୍ୟା | ଗୃହର ଜନସଂଖ୍ୟା ହାର |
|---|---|---|---|---|---|---|---|---|
| ୧ | ବଣ୍ଡା | ବଣ୍ଡା ଉନ୍ନୟନ ସଂସ୍ଥା ମୁଦୁଲିପଡ଼ା | ୩ | ୨୯ | ୧୩୦ | ୬୦୦୮ | ୪୬ | ୩.୮ |
| ୨ | ଚୁକ୍ଟିଆ ଭୁଞ୍ଜିଆ | ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା | ୨ | ୧୪ | ୧୫୦ | ୨୨୬୯ | ୧୫ | ୪.୪ |
| ୩ | ଡିଡ଼ାୟୀ | ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଦୁମୁଲଗୁମା | ୪ | ୩୭ | ୨୫୦ | ୬୫୪୫ | ୨୬ | ୪.୦ |
| ୪ | ଡଙ୍ଗରିଆ କନ୍ଧ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି | ୫ | ୬୨ | ୧୧୫ | ୬୦୩୬ | ୫୨ | ୪.୨ |
| ୫ | ଜୁଆଙ୍ଗ | ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନାସିକା | ୬ | ୩୫ | ୬୪୧.୪୪ | ୮୨୮୧ | ୧୩ | ୪.୮ |
| ୬ | ପାହାଡ଼ି ଖଡ଼ିଆ | ପାହାଡ଼ି ଖଡ଼ିଆ , ମାଙ୍କିଡ଼ିଆ, | | | | | | |
| ୭ | ମାଙ୍କିଡ଼ିଆ | ଉନ୍ନୟନ ସଂସ୍ଥା, ଯଶୀପୁର | ୧୧ | ୧୮ | ୧୨୯.୬୮ | ୨୦୮୨ | ୧୬ | ୩.୨ |
| ୮ | ବିରହୋର | | | | | | | |
| ୯ | କୁଟିଆ କନ୍ଧ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର | ୨ | ୬୮ | ୩୦୦ | ୫୫୨୪ | ୧୮ | ୪.୨ |
| | | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼ | ୩ | ୧୬ | ୧୭.୫ | ୨୫୪୯ | ୧୪୬ | ୪.୯ |
| | | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା , ସେରଙ୍ଗ | ୩ | ୨୧ | ୩୦ | ୫୪୪୧ | ୧୮୧ | ୪.୨ |
| ୧୦ | ଲାଞ୍ଜିଆ ସଉରା | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ | ୧ | ୨୦ | ୩୫ | ୫୭୨୪ | ୧୬୫ | ୬.୩ |
| ୧୧ | ଲୋଧା | ଲୋଧା ଉନ୍ନୟନ ସଂସ୍ଥା,ମୋରଡ଼ା | ୬ | ୧୨ | ୨୫.୨୩ | ୨୮୪୦ | ୧୧୩ | ୩.୨ |
| | | ପାଉଡ଼ିଭୂୟାଁଉନ୍ନୟନ ସଂସ୍ଥା, | ୪ | ୨୫ | ୧୮୮ | ୫୬୩୩ | ୩୦ | ୪.୫ |
| | | ଜମରଡ଼ିହି | | | | | | |
| ୧୨ | ପାଉଡ଼ିଭୂୟାଁ | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟ ଗାଁ | ୫ | ୨୨ | ୧୭୪.୭୭ | ୩୯୧୪ | ୨୨ | ୩.୯ |
| | | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ରୁଗୁଡ଼ା କୁଦର | ୮ | ୩୨ | ୧୦୮.୭୯ | ୩୬୫୫ | ୩୪ | ୩.୮ |
| ୧୩ | ସଉରା | ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି | ୧୦ | ୩୨ | ୧୧.୫୯ | ୫୩୬୧ | ୪୬୩ | ୪.୮ |
| | | ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା | ୩ | ୫୮ | ୨୮.୪୯ | ୪୦୪୦ | ୧୪୨ | ୪.୧ |

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ (୨୦୦୧-୨୦୦୨ ଏବଂ ୨୦୦୭)

## ଜନସଂଖ୍ୟା, ଲିଙ୍ଗ ଅନୁପାତ ଓ ଗୃହ

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ଅଣୁ ପ୍ରକଳ୍ପର ନାମ ଓ ଠିକଣା | ମୋଟ | ଜନସଂଖ୍ୟା ପୁରୁଷ | ମହିଳା | ଲିଙ୍ଗ ଅନୁପାତ | ପ୍ରାଚୀନତମ ଜନଜାତି ଗୃହ ସଂଖ୍ୟା | ଗୃହ ସଂଖ୍ୟା ବିପିଏଲ୍ | ଭୂମିହୀନ |
|---|---|---|---|---|---|---|---|---|---|
| ୧ | ବଣ୍ଡା | ବଣ୍ଡା ଉନ୍ନୟନ ସଂସ୍ଥା ମୁଦୁଲିପଡ଼ା | ୬୦୦୮ | ୨୭୧୭ | ୩୨୯୧ | ୧୨୧୧ | ୧୫୮୫ | ୧୪୫୫ | ୫୦୮ |
| ୨ | ଚୁକଟିଆ ଭୁଞ୍ଜିଆ | ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା | ୨୨୬୯ | ୧୧୨୪ | ୧୧୪୫ | ୧୦୧୯ | ୫୧୯ | ୫୧୯ | ୧୯୭ |
| ୩ | ଡିଡ଼ାୟୀ | ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଡୁମୁଲୁଗୁମା | ୬୫୪୫ | ୩୦୬୪ | ୩୪୮୧ | ୧୧୩୬ | ୧୬୩୩ | ୧୬୩୩ | ୯୬୦ |
| ୪ | ଡଙ୍ଗରିଆ କନ୍ଧ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି | ୬୦୩୬ | ୨୫୫୩ | ୩୪୮୩ | ୧୩୬୪ | ୧୪୩୦ | ୧୨୫୮ | ୧୨୬୦ |
| | | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପାର୍ସାଲି | ୨୫୬୭ | ୧୦୬୯ | ୧୪୯୮ | ୧୪୦୧ | ୬୧୫ | ୫୪୦ | ୪୧୬ |
| ୫ | ଜୁଆଙ୍ଗ | ଜୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନାସିକା | ୮୨୮୧ | ୪୦୭୭ | ୪୨୦୪ | ୧୦୩୧ | ୧୭୨୮ | ୧୫୩୫ | ୩୧୬ |
| ୬ | ପାହାଡ଼ି ଖଡ଼ିଆ | ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ, | | | | | | | |
| ୭ | ମାଙ୍କଡ଼ିଆ | ଉନ୍ନୟନ ସଂସ୍ଥା, ଯଶୀପୁର | ୨୦୮୨ | ୧୦୩୩ | ୧୦୪୯ | ୧୦୧୫ | ୬୫୯ | ୬୫୯ | ୪୨୪ |
| ୮ | ବିରହୋର | | | | | | | | |
| ୯ | କୁଟିଆ କନ୍ଧ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ବେଲଘର | ୫୫୨୪ | ୨୬୫୮ | ୨୮୬୬ | ୧୦୭୮ | ୧୩୨୫ | ୭୯୭ | ୨୯୯ |
| | | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଲାଞ୍ଜିଗଡ଼ | ୨୫୪୯ | ୧୨୮୮ | ୧୨୬୧ | ୯୭୯ | ୫୯୧ | ୨୮୮ | ୯୫ |
| ୧୦ | ଲାଞ୍ଜିଆ ସଉରା | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ସେରଙ୍ଗ | ୫୪୪୧ | ୨୭୭୨ | ୨୬୬୯ | ୯୬୩ | ୧୨୯୩ | ୬୩୩ | ୮୫ |
| | | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ପୁଟାସିଂ | ୫୭୭୪ | ୨୮୨୫ | ୨୯୪୯ | ୧୦୪୪ | ୯୧୯ | ୫୨୯ | ୯୭ |



| | | | | | | | | | |
|---|---|---|---|---|---|---|---|---|---|
| ୧୧ | ଲୋଧା | ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା | ୨୮୪୦ | ୧୪୨୦ | ୧୩୨୦ | ୯୩୨ | ୮୨୪ | ୪୩୩ | ୨୧୧ |
| ୧୨ | ପାଉଡ଼ିଭୂୟାଁ | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଜାମରଡ଼ିହି | ୫୬୩୩ | ୨୮୧୭ | ୨୮୧୬ | ୧୦୦୦ | ୧୨୪୨ | ୧୨୩୬ | ୧୧୧ |
| | | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟ ଗାଁ | ୩୯୧୪ | ୧୯୪୯ | ୧୯୬୫ | ୯୯୮ | ୯୯୯ | ୯୪୯ | ୯୨୫ |
| | | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ରୁଗୁଡ଼ା କୁଦର | ୩୬୫୫ | ୧୮୨୬ | ୧୮୨୯ | ୧୦୦୨ | ୯୭୨ | ୯୬୨ | ୩୫୧ |
| ୧୩ | ସଉରା | ସଉରା ଉନ୍ନୟନ ସଂସ୍ଥା, ଚନ୍ଦ୍ରଗିରି | ୫୩୫୧ | ୨୬୬୯ | ୨୬୮୨ | ୧୦୦୧ | ୧୧୨୮ | ୬୨୨ | ୨୯୫ |
| | | ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା | ୪୦୪୦ | ୨୦୦୩ | ୨୦୩୭ | ୧୦୧୭ | ୯୮୧ | ୫୬୨ | ୨୪୮ |

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ(୨୦୦୧-୦୨ ଓ ୨୦୦୭)

## ଶିଶୁ ସଂଖ୍ୟା ଓ ସାକ୍ଷରତା ହାର :

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ଅଣୁ - ପ୍ରକଳ୍ପର ନାମ ଓ ଠିକଣା | ଶିଶୁ ଜନସଂଖ୍ୟା | | ସାକ୍ଷରତା ହାର | |
|---|---|---|---|---|---|---|
| | | | (୦-୬ ବର୍ଷ) | ମୋଟ | ପୁରୁଷ | ମହିଳା |
| ୧ | ବଣ୍ଡା | ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା | ୧୨୪୬ | ୧୦.୩୩ | ୧୭.୧୫ | ୪.୬୦ |
| ୨ | ଚୁକ୍ଟିଆ ଭୁଞ୍ଜିଆ | ଚୁକ୍ଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା | ୬୪୭ | ୧୮.୬୬ | ୨୮.୫୫ | ୯.୧୭ |
| ୩ | ଡିଡ଼ାୟୀ | ଡିଡ଼ାୟୀ ଉନ୍ନୟନ ସଂସ୍ଥା, କୁଡୁମୁଲଗୁମା | ୧୪୩୦ | ୭.୩୬ | ୧୨.୩୪ | ୨.୯୯ |
| ୪ | ଡଙ୍ଗରିଆ କନ୍ଧ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି | ୧୬୩୮ | ୧୬.୨୩ | ୩୦.୨୭ | ୬.୦୨ |
| | | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ସାଲି | ୪୮୨ | ୧୪.୪୦ | ୨୨.୭୨ | ୬.୦୮ |
| ୫ | ଜୁଆଙ୍ଗ | ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା | ୨୪୫୭ | ୨୪.୧୨ | ୩୬.୬୬ | ୧୧.୯୬ |
| ୬ | ପାହାଡ଼ି ଖଡ଼ିଆ | ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ, | | | | |
| ୭ | ମାଙ୍କଡ଼ିଆ | ଉନ୍ନୟନ ସଂସ୍ଥା, ଯଶୀପୁର | ୩୦୮ | ୩୦.୪୫ | ୪୧.୬୩ | ୧୯.୪୫ |
| ୮ | ବିରହୋର | | | | | |
| ୯ | କୁଟିଆ କନ୍ଧ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର | ୨୮୬୩ | ୨୫.୮୩ | ୩୭.୯୬ | ୧୪.୫୮ |
| | | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼ | ୨୦୦ | ୩୨.୫୬ | ୪୪.୬୪ | ୨୦.୨୨ |

| | | | | | | |
|---|---|---|---|---|---|---|
| ୧୦ | ଲାଞ୍ଜିଆ ସଉରା | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ସେରଙ୍ଗ<br>ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ | ୨୧୧୬<br>୧୦୮୯ | ୨୯.୫୪<br>୩୨.୯୯ | ୩୫.୨୩<br>୪୧.୦୦ | ୧୯.୧୫<br>୨୫୩୩ |
| ୧୧ | ଲୋଧା | ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା<br>ପାଉଡ଼ିଭୂୟାଁଉନ୍ନୟନ ସଂସ୍ଥା, ଜମରଡ଼ିହି | ୫୩୧<br>୧୨୧୬ | ୨୩.୪୧<br>୩୪.୬୮ | ୨୯.୩୨<br>୪୬.୨୫ | ୧୭.୦୮<br>୨୩.୧୧ |
| ୧୨ | ପାଉଡ଼ିଭୂୟାଁ | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟ ଗାଁ<br>ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ରୁଗୁଡ଼ା କୁଦର | ୩୬୫<br>୬୮୫ | ୧୯.୨୩<br>୨୦.୪୧ | ୨୫.୮୮<br>୨୨.୫୧ | ୧୨.୫୮<br>୧୮.୩୨ |
| ୧୩ | ସଉରା | ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି<br>ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା | ୧୧୪୧<br>୭୭୫ | ୪୪.୦୦<br>୨୬.୩୨ | ୬୦.୯୬<br>୪୦.୬୫ | ୨୬.୮୮<br>୧୫.୯୨ |

**ସୌଜନ୍ୟ :** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ-(୨୦୦୧-୨୦୦୨ ଏବଂ ୨୦୦୭)

## ପ୍ରାଚୀନତମ ଜନଜାତି ଗୋଷ୍ଠୀର ସାମାଜିକ ଓ ଅର୍ଥନୈତିକ ରୂପରେଖ

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଆଦିବାସୀ ଗୋଷ୍ଠୀର ନାମ | ଅଣୁ - ପ୍ରକଳ୍ପର ନାମ ଓ ଠିକଣା | ବୃତ୍ତି | ଆୟରପନ୍ଥା | ଚାଷ ଜମି (ଏକର ହିସାବରେ) | ଘର ପିଛା ହାରାହାରି ଜମିର ଜମିର ପରିମାଣ (ଏକର ଅନୁଯାୟୀ) |
|---|---|---|---|---|---|---|
| ୧ | ବଣ୍ଡା | ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା | ୧,୨,୪ | ୧,୨,୪,୫ | ୧୫୦୪.୪୪ | ୧.୦୯ |
| ୨ | ଚୁକୁଟିଆ ଭୁଞ୍ଜିଆ | ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା | ୧,୩ | ୧,୩,୫,୯ | ୭୮୯.୭୫ | ୧.୫୨ |
| ୩ | ଡିଡ଼ାୟୀ | ଡିଡ଼ାୟୀ ଉନ୍ନୟନ ସଂସ୍ଥା, କୁଡୁମୁଲଗୁମା | ୧,୪,୬,୭,୮ | ୧,୨,୫,୯ | ୧୬୫୩.୩୩ | ୨.୬୦ |
| ୪ | ଡଙ୍ଗରିଆ କନ୍ଧ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି | ୨,୬ | ୧,୨,୫ | ୩୬୨.୩୫ | ୦.୨୯ |
| | | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ଶାଲି | ୨,୪ | ୧,୨,୫ | ୩୩୨.୪୬ | ୨.୫୦ |
| ୫ | ଜୁଆଙ୍ଗ | ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା | ୨,୪ | ୧,୨,୫,୯ | ୧୬୨୪.୭୩ | ୧.୩୬ |
| ୬ | ପାହାଡ଼ି ଖଡ଼ିଆ | ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ, ଉନ୍ନୟନ ସଂସ୍ଥା, ଯଶୀପୁର | ୫,୯ | ୧,୨,୫,୯ | ୧୪୧.୨୨ | ୦.୪୩ |
| ୭ | ମାଙ୍କଡ଼ିଆ | | | | | |
| ୮ | ବିରହୋର | | | | | |




| | | | | | | |
|---|---|---|---|---|---|---|
| ୯ | କୁଟିଆ କନ୍ଧ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର | ୧,୪ | ୧,୨,୫ | ୪୭୬୦.୦୦ | ୧.୩୦ |
| | | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼ | ୧,୩,୫ | ୧,୨,୫,୯ | ୧୫୨୬.୪୧ | ୨.୨୪ |
| ୧୦ | ଲାଞ୍ଜିଆ ସଉରା | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ସେରଙ୍ଗ | ୧,୨,୩,୫ | ୧,୨,୫,୯ | ୧୮୫୩.୧୬ | ୧.୫୭ |
| | | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ | ୧,୨,୩,୫ | ୧,୨,୩,୫ | ୧୧୭୬.୯୦ | ୧.୭୪ |
| ୧୧ | ଲୋଧା | ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା | ୧,୫,୯ | ୧,୨,୫,୯ | ୬୯୪.୭୭ | ୧.୩୪ |
| ୧୨ | ପାଉଡ଼ିଭୂୟାଁ | ପାଉଡ଼ିଭୂୟାଁଉନ୍ନୟନ ସଂସ୍ଥା, ଜମରଡ଼ିହି | ୧,୨,୩,୪ | ୧,୨,୩,୪,୨ | ୦୪୧.୬୦ | ୧.୯୫ |
| | | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟ ଗାଁ | ୧,୪,୫ | ୧,୨,୪,୫ | ୧୧୧୫.୩୨ | ୧.୨୨ |
| | | ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ରୁଗୁଡ଼ା କୁଦର | ୧,୪,୫ | ୧,୨,୪,୫ | ୪୭୫.୦୬ | ୧.୧୧ |
| ୧୩ | ସଉରା | ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି | ୧,୨,୩,୫ | ୧,୨,୩,୫ | ୧୨୪୨.୧୮ | ୧.୬୫ |
| | | ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା | ୧,୩,୪,୫ | ୧,୨,୩,୪,୫ | ୧୧୩୮.୮୬ | ୧.୮୯ |

**ସୌଜନ୍ୟ :** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ-(୨୦୦୧-୨୦୦୨ ଏବଂ ୨୦୦୭)

## ଜୀବନ ଶୈଳୀ ଓ ଭାଷା

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ଜୀବନ ଶୈଳୀ | ଭାଷା |
|---|---|---|---|
| ୧ | ବଣ୍ଡା | • ମାଲକାନଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ ବସବାସ କରନ୍ତି ।<br>• ମହିଳାମାନେ ମୁଣ୍ଡ ଲଣ୍ଡା କରନ୍ତି, ରିଙ୍ଗା ପିନ୍ଧନ୍ତି ଓ ରଙ୍ଗବେରଙ୍ଗର କାଚମାଳି ବ୍ୟବହାର କରନ୍ତି ।<br>• ପୁରୁଷମାନେ ମୁଣ୍ଡରେ ଲମ୍ବାବାଳ ରଖନ୍ତି, ଧନୁ, ତୀର ଓ ଟାଙ୍ଗିଆ ଆଦି ଅସ୍ତ୍ରରେ ସଜ୍ଜିତ ହୋଇଥାନ୍ତି ।<br>• ସେମାନେ କ୍ରୋଧୀ ଓ ଉଗ୍ର ସ୍ୱଭାବର | ରେମ-ବଣ୍ଡା<br>ମୁଣ୍ଡା ଭାଷା ଗୋଷ୍ଠୀ |



| | | | |
|---|---|---|---|
| | | • ସେମାନେ ଧୁରନ୍ଧର ଶିକାରୀ, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ପୋଡୁଚାଷ ଓ ଧାନଚାଷ ମଧ୍ୟ କରନ୍ତି ।<br>• ସେମାନଙ୍କର ଦୁଇ ପ୍ରକାର ସାମାଜିକ ସଙ୍ଗଠନ ରହିଛି ।<br>• 'ସିନ୍ଦିବର' ନାମରେ ପ୍ରତି ଗାଁରେ ଗୋଟିଏ ଗୋଷ୍ଠୀକେନ୍ଦ୍ର ରହିଛି ।<br>• ପ୍ରତିବର୍ଷ ପାଟଖଣ୍ଡା ଯାତ୍ରା ପାଳନ କରନ୍ତି । | |
| ୨ | ଚୁକଟିଆ ଭୁଞ୍ଜିଆ | • ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ପାହାଡ଼ ଉପତ୍ୟକାରେ ବସବାସ କରନ୍ତି ।<br>• ସୁନାଦେଈ ସେମାନଙ୍କର ମୁଖ୍ୟ ଦେବୀ<br>• ମୁଖ୍ୟ ଘର ଠାରୁ ଅଳ୍ପ ଦୂରରେ ଅଲଗା ରୋଷେଇ ଘର କରିଥାନ୍ତି । ରୋଷେଇ ଘର ପୂର୍ବପୁରୁଷମାନଙ୍କର ପବିତ୍ର ବାସସ୍ଥଳୀ ବୋଲି ସେମାନେ ବିଚାର କରନ୍ତି ।<br>• ସାଧାରଣ କୃଷି ସହିତ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି ।<br>• ପାରମ୍ପରିକ ଗ୍ରାମପରିଷଦ ଓ ଆନ୍ତଃଗ୍ରାମ ପରିଷଦ କାର୍ଯ୍ୟକାରୀ ହୁଏ ।<br>• "ଚଇତ୍ର ଯାତ୍ରା" ସେମାନଙ୍କର ମୁଖ୍ୟ ପର୍ବ । | ଭୁଞ୍ଜିଆ (ଓଡ଼ିଆ-ହିନ୍ଦୀ) ଭାରତୀୟ ଆର୍ଯ୍ୟ ଭାଷା ପରିବାର |
| ୩ | ଡିଡ଼ାୟୀ | • ମାଲକାନଗିରି ଜିଲ୍ଲାର କ୍ଷୁଦ୍ର ପାହାଡ଼ି ଆଦିମ ଜନଜାତି ଗୋଷ୍ଠୀ ।<br>• ମୁଖ୍ୟତଃ ପୋଡୁଚାଷ କଲେ ମଧ୍ୟ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ<br>• ଗୋଷ୍ଠୀଗତ କାର୍ଯ୍ୟ ସାଧନ ନିମନ୍ତେ ଗାଁର କେନ୍ଦ୍ର ସ୍ଥଳରେ ଗୁଲିସୁଙ୍ଗ ରହିଛି ।<br>• ପାରମ୍ପରିକ ଗ୍ରାମପରିଷଦ 'ଲେପାର'ର କାର୍ଯ୍ୟକାରିତା ।<br>• ଲେଣ୍ଡି ପାଣ୍ଡେ ଓ ଭୈରୋ ପୂଜା ସେମାନଙ୍କର ଦୁଇଟି ମୁଖ୍ୟ ପର୍ବ । | ଗ୍ତା-ମୁଣ୍ଡା ଭାଷା |
| ୪ | ଡଙ୍ଗରିଆ କନ୍ଧ | • ରାୟଗଡ଼ା ଜିଲ୍ଲାର ନିୟମଗିରି ପାର୍ବତ୍ୟାଞ୍ଚଳରେ ବାସ କରନ୍ତି ।<br>• ଦକ୍ଷ ଉଦ୍ୟାନ କୃଷିବିତ୍ ଓ ପୋଡୁଚାଷୀ । | 'କୁଭି' - ଦ୍ରାବିଡ଼ ଭାଷା ଗୋଷ୍ଠୀ |




| | | | |
|---|---|---|---|
| | | • ଡଙ୍ଗରରେ ସପୁରୀ, କଦଳୀ କମଳା, ହଳଦୀ, ଧାନ ଜାତୀୟ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଫସଲ କରନ୍ତି ।<br>• ପାରମ୍ପରିକ ଶ୍ରମ ସମବାୟ ଏବେ ମଧ୍ୟ କାର୍ଯ୍ୟଶୀଳ ।<br>• ଗୋତ୍ର ବହିର୍ଭୁତ ବିବାହ<br>• ବହୁବିବାହ ପ୍ରଥାର ପ୍ରଚଳନ ରହିଛି ।<br>• ମାଟି ଦେବତା ଧରଣୀପେନୁ ଓ କୋଟେଓ୍ୱାଲୀଙ୍କୁ ପୂଜା କରନ୍ତି । ମେରିଆ ଅଥବା କେଡୁ ପର୍ବରେ ମଇଁଷି ବଳିଦେଇ ଦେବତାଙ୍କୁ ସନ୍ତୁଷ୍ଟ କରନ୍ତି । | |
| ୫ | ଜୁଆଙ୍ଗ | • କେଉଁଝର ଜିଲ୍ଲାର ପ୍ରସିଦ୍ଧ ପବିତ୍ର ଗୋନାସିକା ପାହାଡ଼ ଏମାନଙ୍କର ବାସସ୍ଥଳୀ ।<br>• ମୁଖ୍ୟତଃ ପୋଡୁଚାଷ କଲେ ମଧ୍ୟ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି ।<br>• ଯୁବ ଆବାସସ୍ଥଳୀ / ଗୋଷ୍ଠୀକେନ୍ଦ୍ରକୁ ସେମାନେ ମଣ୍ଡଘର ବା ମଜାଙ୍ଗ କୁହନ୍ତି ।<br>• "ପୁଷ-ପୁନି" ସେମାନଙ୍କର ଅନ୍ୟତମ ଶ୍ରେଷ୍ଠ ପର୍ବ । | ଜୁଆଙ୍ଗ-ମୁଣ୍ଡା ଭାଷାଗୋଷ୍ଠୀ |
| ୬ | ପାହାଡ଼ି ଖଡ଼ିଆ | • ପାହାଡ଼ି ଖଡ଼ିଆମାନେ ଆଦିମ ଅଧିବାସୀ ଗୋଷ୍ଠୀ ଅନ୍ତର୍ଭୁକ୍ତ । ମୁଖ୍ୟତଃ ଶିମିଳିପାଳ ପାର୍ବତ୍ୟାଞ୍ଚଳ ଏମାନଙ୍କର ବାସସ୍ଥଳୀ ।<br>• ଛୋଟ ଛୋଟ ଜଙ୍ଗଲ ବସତିରେ ଏମାନେ ବସବାସ କରନ୍ତି ।<br>• ଶିକାର ଓ ଜଙ୍ଗଲଜାତ ଦବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ<br>• ଜଙ୍ଗଲରୁ ମହୁ, ଝୁଣା ଓ ପାଲୁଅ ସଂଗ୍ରହରେ ଦକ୍ଷତା । | ଖଡ଼ିଆ - ମୁଣ୍ଡା ଭାଷାଗୋଷ୍ଠୀ (ପାହାଡ଼ି ଖଡିଆ ସ୍ଥାନୀୟ ଓଡ଼ିଆ କହିଥାନ୍ତି) |
| ୭<br>୮ | ମାଙ୍କଡ଼ିଆ<br>ବିର୍‌ହୋର | • ଅର୍ଦ୍ଧ ଭ୍ରମଣଶୀଳ, ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ପ୍ରାଚୀନତମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ ।<br>• ଶିଆଳୀ ଲତା ଓ ଝୋଟ ସାହାଯ୍ୟରେ ଦଉଡ଼ି ବଳିବା ଓ ମାଙ୍କଡ଼ ଶିକାର କରିବାରେ ଏମାନ ବେଶ୍ ଦକ୍ଷ । | ବିରହୋର - ମୁଣ୍ଡା ଭାଷାଗୋଷ୍ଠୀ |

| | | | |
|---|---|---|---|
| | | • ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଜଙ୍ଗଲସାରା ପରିଭ୍ରମଣ କରନ୍ତି ।<br>• ଯୁବତୀମାନଙ୍କ ନିମନ୍ତେ 'କୁଡ଼ି ଅଡ଼ା' ନାମରେ ସ୍ୱତନ୍ତ୍ର 'ଯୁବାଘର ଗୃହ' ଥାଏ ।<br>• ହେରା ଅଥବା "ଚଇତ ପର୍ବ" ଏମାନଙ୍କର ମୁଖ୍ୟ ପର୍ବ । | |
| ୯ | କୁଟିଆ କନ୍ଧ | • କନ୍ଧମାଳ ଜିଲ୍ଲାର ବେଲଘର ଓ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଅଞ୍ଚଳର ଉଚ୍ଚପାହାଡ଼ି ଭୂମି ଏମାନଙ୍କ ବସତିସ୍ଥଳ ।<br>• ଦାଣ୍ଡିକିଆ (ଦ୍ରାବିଡ଼ ଶୈଳୀ)ଗୃହନିର୍ମାଣ ଶୈଳୀ<br>• ଯୁବକ ଓ ଯୁବତୀମାନଙ୍କ ଯୁବାଘର ରହିଛି ।<br>• ପୋଡୁଚାଷ ଜୀବିକା ନିର୍ବାହର ମୁଖ୍ୟ ମାଧ୍ୟମ ହେଲେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ମଧ୍ୟ ନିର୍ଭର କରନ୍ତି ।<br>• ଡଙ୍ଗରରେ ହଳଦୀ ଚାଷ କରିବା ସହିତ ସେମାନେ ଖାଦ୍ୟଶସ୍ୟ ଓ ଡାଲି ଜାତୀୟ ଫସଲ ମଧ୍ୟ କରନ୍ତି ।<br>• ନିଜ ନିଜ ଭିତରେ ସେମାନେ କେତେଗୁଡ଼ିଏ ବଂଶରେ ବିଭକ୍ତ ହୋଇଥାନ୍ତି ।<br>• 'ସାପାଙ୍ଗଗାଡ଼ା' ସେମାନଙ୍କର ପ୍ରମୁଖ ପବିତ୍ର ସୃଷ୍ଟିସ୍ଥଳ ହିସାବରେ ବିବେଚିତ ।<br>• ମଇଁଷି ବଳିଦେଇ ସେମାନେ କେନ୍ଦୁ ପର୍ବ ପାଳନ କରନ୍ତି । | 'କୁଇ' -ଦ୍ରାବିଡ଼ ଭାଷାଗୋଷ୍ଠୀ |
| ୧୦<br>୧୧ | ଲାଞ୍ଜିଆ ସଉରା ଓ ସଉରା | • ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ଉଚ୍ଚ ପାର୍ବାତ୍ୟାଞ୍ଚଳରେ ବାସ କରନ୍ତି ।<br>• ସଉରା ବସତିର ଘରଗୁଡ଼ିକ ଏଠି ସେଠି ହୋଇ ତିଆରି ହୋଇଥାଏ ।<br>• ଗାଁର ପ୍ରବେଶ ପଥରେ ଥିବା କାଷ୍ଠ ସ୍ତମ୍ଭ ଗ୍ରାମଦେବତୀଙ୍କ ପ୍ରତୀକ । ସେ ଗାଁକୁ ସୁରକ୍ଷା ଦିଅନ୍ତି ।<br>• ପୋଡୁଚାଷ କରିବା ସହିତ କ୍ରମାବନତ ପାହାଡ଼ି ଭୂମିରେ ଧାନଚାଷ ମଧ୍ୟ କରନ୍ତି । | ସଉରା -ମୁଣ୍ଡା ଭାଷା ଗୋଷ୍ଠୀ |



| | | | |
|---|---|---|---|
| | | • ସେମାନଙ୍କର ପାରମ୍ପରିକ ଶ୍ରମ ସମବାୟ ରହିଛି । ଏହାକୁ ଅନ୍‌ସୀର କୁହନ୍ତି ।<br>• ବଂଶ ଅପେକ୍ଷା କୁଟୁମ୍ବ ଉପରେ ପ୍ରାଧାନ୍ୟ ଦିଆଯାଏ । କୁଟୁମ୍ବ ସଙ୍ଗଠନକୁ ସେମାନେ ବିରିନ୍ଦା କୁହନ୍ତି ।<br>• କାନ୍ଥ ଚିତ୍ରକଳା 'ଇଡ଼ିତାଲ' ପାଇଁ ସେମାନେ ପ୍ରସିଦ୍ଧ ।<br>• ମୃତ ବ୍ୟକ୍ତିକୁ ସ୍ମରଣ କରିବା ପାଇଁ ଦୁଇ ବା ତିନି ବର୍ଷରେ ଗୋଷ୍ଠୀଗତ ଭାବରେ ଦ୍ୱିତୀୟ ମୃତ୍ୟୁଉତ୍ସବ 'ଗୁଆର' ପର୍ବ ପାଳନ କରନ୍ତି । ଏହି ପର୍ବରେ ମଇଁଷି ବଳି ଦିଆଯାଏ । | |
| ୧୨ | ଲୋଧା | • ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଓ ଶୁଳିଆପଦା ବ୍ଲକ ଅଞ୍ଚଳରେ ବସବାସ କରନ୍ତି ।<br>• ଧାନ ଚାଷ କରି ଜୀବିକା ନିର୍ବାହ କରନ୍ତି । ଜଙ୍ଗଲରୁ ଜାଳେଣୀ କାଠ ସଂଗ୍ରହ କରିବା, ସବାଇ ଘାସର ଦଉଡ଼ି କରିବା, ଗୁଟିପୋକ ବା ରେଶମ ପୋକ ଚାଷ କରିବା | ଲୋଧା<br>ଭାରତୀୟ-ଆର୍ଯ୍ୟ ଭାଷା ଗୋଷ୍ଠୀ |
| ୧୩ | ପାଉଡ଼ିଭୂୟାଁ | • ଭୂୟାଁ ଜନଜାତି ଅନ୍ତର୍ଭୁକ୍ତ ଅନ୍ୟତମ ଆଦିମ ଜନଜାତି<br>• ଏମାନେ ପାହାଡ଼ ଅଞ୍ଚଳରେ ବସବାସ କରନ୍ତି ।<br>• ପୋଡୁଚାଷ କଲେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରନ୍ତି ।<br>• ପ୍ରତି ଗାଁରେ ଯୁବାଆବାସସ୍ଥଳୀ ଅଥବା ଗୋଷ୍ଠୀକେନ୍ଦ୍ର ଥାଏ । ଏହାକୁ 'ଦରବାର' ଘର କୁହନ୍ତି ।<br>• ପାରମ୍ପରିକ ଗ୍ରାମ ପରିବେଶ ଏବେ ମଧ୍ୟ କାର୍ଯ୍ୟ କରୁଛି ।<br>• ପ୍ରସିଦ୍ଧ ଚାଙ୍ଗୁ ନୃତ୍ୟ ପାଇଁ ସେମାନେ ବେଶ୍ ପରିଚିତ । | ଓଡ଼ିଆ<br>ଭାରତୀୟ-ଆର୍ଯ୍ୟ ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ । |



## ବସତି ଓ ଗୃହ ନିର୍ମାଣ ଶୈଳୀ

| କ୍ରମିକ ସଂଖ୍ୟା | ଭାରତୀୟ ଜନଜାତି ଗୋଷ୍ଠୀର ନାମ | ଗୃହ ନିର୍ମାଣ ଶୈଳୀ |
|---|---|---|
| ୧ | ବଣ୍ଡା | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ବଣ୍ଡାମାନେ ରୁହନ୍ତି । |
| ୨ | ଚୁକଟିଆ ଭୁଞ୍ଜିଆ | ଦ୍ରାବିଡ଼ୀୟ ଶୈଳୀରେ ଚୁକଟିଆ ଭୁଞ୍ଜିଆମାନେ ଧାଡ଼ିକିଆ ବା ଦାଣ୍ଡକିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ରାସ୍ତା ଥାଏ । |
| ୩ | ଡିଡ଼ାୟୀ | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ଡିଡ଼ାୟୀମାନେ ରୁହନ୍ତି । |
| ୪ | ଡଙ୍ଗରିଆ | ଡଙ୍ଗରିଆମାନେ ଧାଡ଼ିକିଆ ବା ଦାଣ୍ଡିକିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ରାସ୍ତା ଥାଏ । |
| ୫ | ଜୁଆଙ୍ଗ | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ଜୁଆଙ୍ଗମାନେ ରୁହନ୍ତି । |
| ୬ | ପାହାଡ଼ି ଖଡ଼ିଆ | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ପାହାଡ଼ି ଖଡ଼ିଆମାନେ ରୁହନ୍ତି । |
| ୭ | ମାଙ୍କଡ଼ିଆ | ବୃତ୍ତାକାର ପରିଧି ଓ ଗମ୍ବୁଜାକୃତି ପର୍ଣ୍ଣକୁଟୀରରେ ମାଙ୍କଡ଼ିଆ ଓ ବିର୍‌ହୋରମାନେ ରୁହନ୍ତି । |
| ୮ | ବିର୍‌ହୋର୍ | ସେମାନଙ୍କ ପତ୍ରକୁଡ଼ିଆ କୁମ୍ଭା ନାମରେ ପରିଚିତ । |
| ୯ | କୁଟିଆ କନ୍ଧ | କୁଟିଆ କନ୍ଧମାନେ ଧାଡ଼ିକିଆ ବା ଦାଣ୍ଡିକିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ଗମନା ଗମନ ପାଇଁ ରାସ୍ତା ଥାଏ । |
| ୧୦ | ଲଞ୍ଜିଆ ସଉରା | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ଲାଞ୍ଜିଆ ସଉରା ଓ ସଉରାମାନେ ବସବାସ କରନ୍ତି । |
| ୧୧ | ସଉରା | |
| ୧୨ | ଲୋଧା | ଲୋଧାମାନେ ସାଧାରଣତଃ ଧାଡ଼ିକିଆ ବା ଦାଣ୍ଡିକିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ଗମନା ଗମନ ପାଇଁ ରାସ୍ତା ଥାଏ । |
| ୧୩ | ପାଉଡ଼ି ଭୂୟାଁ | ଏଠି ସେଠି ପୁଞ୍ଜା ପୁଞ୍ଜା ଘର କରି ପାଉଡ଼ି ଭୂୟାଁମାନେ ରୁହନ୍ତି । |



## ଆଦିମ ଜନଜାତି ଗୋଷ୍ଠୀର ପାରମ୍ପରିକ କଳା କୌଶଳ

| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ପାରମ୍ପରିକ କଳା କୌଶଳ |
|---|---|---|
| ୧ | ପାହାଡ଼ି ଖଡ଼ିଆ | • ମହୁ, ଝୁଣା ଓ ପାଳୁଅ ଆଦି ସଂଗ୍ରହ ଓ ଅର୍ଦ୍ଧ ପ୍ରକ୍ରିୟାକରଣ • ଝାଡୁ ତିଆରି • ମସିଣା ତିଆରି • ସିଲେଇ କରି ଅଥବା ଚାପ ଯନ୍ତ୍ର ମାଧ୍ୟମରେ ଖଲି, ଦନା ପ୍ରସ୍ତୁତି କରିବା । |
| ୨ | ମାଙ୍କଡ଼ିଆ | • ଶିଆଳୀ ତନ୍ତୁ ବ୍ୟବହାର କରି ଦଉଡ଼ି ଓ ଟୋକେଇ • ସବାଇ ଘାସ ଓ ଝୋଟରୁ ଦଉଡ଼ି ତିଆରି, |
| ୩ | ବିରହୋର୍ | • ପତ୍ର ସିଲେଇ କରି ଅଥବା ଚାପ ଯନ୍ତ୍ର ବଳରେ ଖଲି ଦନା ପ୍ରସ୍ତୁତି • ମାଙ୍କଡ଼ ଧରିବା । |
| ୪ | ପାଉଡ଼ି ଭୂୟାଁ | • ଝାଡୁ ତିଆରି • ମସିଣା ତିଆରି • ଟୋକେଇ ତିଆରି • ଲିଚୁ ଚାଷ • ରେଶମ ଚାଷ • ଚାଙ୍ଗୁନୃତ୍ୟ |
| ୫ | ଜୁଆଙ୍ଗ | • କାଷ୍ଠ ଖୋଦନ କର୍ମ • ପାନିଆଁ ପ୍ରସ୍ତୁତି • ପୋଡୁଚାଷ • ଚାଙ୍ଗୁ ନୃତ୍ୟ |
| ୬ | ବଣ୍ଡା | • ପରିଧେୟ ବସ୍ତ୍ର ଓ ଗାଲିଚା ବୁଣିବାରେ ଦକ୍ଷତା • କାଚମାଳି ବ୍ୟବହାର କରି ହାର ପ୍ରସ୍ତୁତି • ଝାଡୁ ତିଆରି • ପନିପରିବା ଚାଷ • ଧନୁର୍ବିଦ୍ୟା । |
| ୭ | ଡିଡ଼ାୟୀ | • ବାଉଁଶ ପାତିଆ ବ୍ୟବହାର କରି ଟୋକେଇ ବୁଣିବା • ବୁଣା ବୁଣି କାମ କରିବା • ଝାଡୁ ତିଆରି କରିବା • ଧନୁର୍ବିଦ୍ୟା । |
| ୮<br>୯ | ଲଞ୍ଜିଆ ସଉରା<br>ସଉରା | • କାନ୍ଥ ଚିତ୍ର • କାଷ୍ଠ ଖୋଦନ କର୍ମ • ଚାଷୋପଯୋଗୀ ଜମିକୁ ଜଳ ପରିଚାଳନାରେ ଦକ୍ଷତା • କ୍ରମାବନତ ପାହାଡ଼ ଗଡ଼ାଣିରେ ପ୍ରସ୍ତୁତ କରିଥିବା ଜମିରେ ପଥର ହିଡ଼ ଦେବାର କୌଶଳ • କାଜୁଚାଷ ଓ ପ୍ରକ୍ରିୟାକରଣ |
| ୧୦ | କୁଟିଆ କନ୍ଧ | • ଝାଡୁ ତିଆରି • ପତ୍ର ସିଲେଇ କରି ଅଥବା ଚାପ ଯନ୍ତ୍ର ବଳରେ ଖଲି ଦନା ପ୍ରସ୍ତୁତି • ପୋଡୁଚାଷ • ହଳଦୀ ଓ ସୋରିଷ ଚାଷ । |
| ୧୧ | ଲୋଧା | • ସବାଇ ଘାସରୁ ଦଉଡ଼ି ପ୍ରସ୍ତୁତ କରିବା |
| ୧୨ | ଚୁକଟିଆ ଭୁଞ୍ଜିଆ | • ବାଉଁଶ ପାତିଆରୁ ଟୋକେଇ ଆଦି ଘରୋଇ ବ୍ୟବହୃତ ସାମଗ୍ରୀ ପ୍ରସ୍ତୁତ କରିବା । • ସାଧାରଣ କୃଷି କର୍ମରେ ନିୟୋଜିତ ହୋଇ ଜୀବିକା ନିର୍ବାହ କରିବା । |
| ୧୩ | ଡଙ୍ଗରିଆ କନ୍ଧ | • ଏମ୍ବ୍ରୋଡ଼ରୀ କାମ କରିବା • କାଷ୍ଠ ଖୋଦେଇ କର୍ମରେ ନିୟୋଜିତ ହୋଇ ସୂକ୍ଷ୍ମକଳାବସ୍ତୁ ତିଆରି କରିବା • କାନ୍ଥ କଳା • ପାନିଆଁ ତିଆରି • ସପୁରୀ ଓ ଅନ୍ୟାନ୍ୟ ଫଳଚାଷ କରିବା । |



## ପ୍ରମୁଖ ସମସ୍ୟା


| କ୍ରମିକ ସଂଖ୍ୟା | ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ | ଅଣୁ-ପ୍ରକଳ୍ପର ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ସମସ୍ୟା | ସାଧାରଣ ସମସ୍ୟା |
|---|---|---|---|---|
| ୧ | ବଣ୍ଡା | ବଣ୍ଡା ଉନ୍ନୟନ ସଂସ୍ଥା ମୁଦୁଲି ପଡ଼ା | • ମ୍ୟାଲେରିଆ ପ୍ରବଣ ଅଞ୍ଚଳ<br>• ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ<br>• ବଣ୍ଡା କ୍ରୋଧୀ ଓ କଳହ ସ୍ୱଭାବ ବିଶିଷ୍ଟ | • ସ୍ୱାସ୍ଥ୍ୟ ସଚେତନଶୀଳତାର ଅଭାବ ।<br>• ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ ନିର୍ବାହ ।<br>• ସ୍ୱଳ୍ପ ସାକ୍ଷରତା ହାର<br>• ଉନ୍ନୟନମୁଖୀ ବିକାଶ<br>ବିକାଶ ପ୍ରକ୍ରିୟାରେ ସାମିଲ<br>ସଚେତନତାର ଅଭାବ ।<br>ହେବାପାଇଁ |
| ୨ | ଡିଡ଼ାୟୀ | ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଦୁମୁଲୁଗୁମ୍ମା | • ମ୍ୟାଲେରିଆ ପ୍ରବଣ ଅଞ୍ଚଳ<br>• ଯକ୍ଷ୍ମା, ସ୍ପର୍ଶ କାରକ ଚର୍ମ ରୋଗ, | |
| ୩ | କୁଟିଆ କନ୍ଧ | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର | ଜଳଦ୍ୱାରା ସଂକ୍ରମିତ ରୋଗ<br>• ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ | |
| | | କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼ | • ସାଧାରଣ କୃଷିପାଇଁ ଚାଷ ଜମିର ଅଭାବ<br>• ବୃତ୍ତିଗତ, ଧନ୍ଦାମୂଳକ ଶିକ୍ଷାର ଅଭାବ | |
| ୪ | ଡଙ୍ଗରିଆ କନ୍ଧ | ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି<br>ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ସାଲୀ | • ମ୍ୟାଲେରିଆ ପ୍ରବଣ ଅଞ୍ଚଳ<br>• ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ<br>• ସାଧାରଣ କୃଷିପାଇଁ ଚାଷ ଜମିର ଅଭାବ<br>• ବୃତ୍ତିଗତ, ଧନ୍ଦାମୂଳକ ଶିକ୍ଷାର ଅଭାବ | |
| ୫ | ଲାଞ୍ଜିଆ ସଉରା | ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା,ସେରଙ୍ଗ<br>ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ | • ସ୍ଥାନୀୟ ଅଞ୍ଚଳ ମ୍ୟାଲେରିଆ ପ୍ରବଣ<br>• ଯକ୍ଷ୍ମା, ସ୍ପର୍ଶକାରକ ଚର୍ମରୋଗ<br>• ଚର୍ମରୋଗ, ଜଳବାହିତ ଅଥବା ଜଳଦ୍ୱାରା ସଂକ୍ରମିତ ରୋଗ ଆଦିର ବ୍ୟାପକତା | • ଜଳସେଚନର ଉପଯୁକ୍ତ ସୁବିଧା ନାହିଁ ।<br>• ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ<br>• ମୃତ୍ତିକା କ୍ଷୟ |



| | | | | |
|---|---|---|---|---|
| ୬ | ସଉରା | ସଉରା ଉନ୍ନୟନ ସଂସ୍ଥା, ଚନ୍ଦ୍ରଗିରି<br><br>ତୁମ୍ବା ଉନ୍ନୟନ ସଂସ୍ଥା ତୁମ୍ବା | • ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ଅଭାବରୁ ଅନ୍ୟ ଅଞ୍ଚଳକୁ ସ୍ଥାନନ୍ତରୀକରଣ<br>• ସାଂସ୍କୃତିକ ପରମ୍ପରାରେ ପରିବର୍ତ୍ତନ<br>• ହାତୀମାନଙ୍କ ପ୍ରତି ଭୟ | • ସାଧାରଣ କୃଷିକର୍ମ ନିମନ୍ତେ ଚାଷୋପଯୋଗୀ<br>• ଉଚ୍ଚଦରର କନ୍ୟାମୂଲ ସଉରା ଉନ୍ନୟନ ସଂସ୍ଥା<br>• ବେକାର ସମସ୍ୟା<br>• ପ୍ରଚୁର ମଦ୍ୟପାନର ଅଭ୍ୟାସ<br>• ଅସାଧୁ ବ୍ୟବସାୟୀ ଖଳ ସ୍ୱଭାବର ମଧ୍ୟସ୍ଥି ଓ କରଜଦାତା ମାନଙ୍କ ଶୋଷଣ ଓ ଦୌରାତ୍ମ୍ୟ । |
| ୭ | ଜୁଆଙ୍ଗ | ଜୁଆଙ୍ଗ ସଉରା ଉନ୍ନୟନ ସଂସ୍ଥା, ଗୋନାସିକା | • ମ୍ୟାଲେରିଆ ପ୍ରବଣ ଅଞ୍ଚଳ<br>• ଚର୍ମରୋଗ ଓ ଜଳଦ୍ୱାରା ସଂକ୍ରମିତ ରୋଗ<br>• ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ | • ଦୁର୍ଗମ ବସତି ଅଞ୍ଚଳ |
| ୮ | ପାଉଡ଼ି ଭୂୟାଁ | ପାଉଡ଼ି ଉନ୍ନୟନ ସଂସ୍ଥା ଜମରଡିହି<br>ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟଗାଁ<br>ପାଉଡ଼ି ସଂସ୍ଥା ଉନ୍ନୟନ ସଂସ୍ଥା ରୁଗୁଡ଼ା କୁଦର | • ହାତୀ ଭୟ ସହିତ ଧନ ଓ ଜୀବନ ପ୍ରତି ଭୟର ଆଶଙ୍କା | |

| | | | | |
|---|---|---|---|---|
| ୯<br>୧୦<br>୧୧ | ପାହାଡ଼ି ଖଡ଼ିଆ<br>ମାଙ୍କଡ଼ିଆ<br>ବିରହୋର | ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା, ଯଶୀପୁର | • ଶିକାର ଓ ଖାଦ୍ୟ ସଂଗ୍ରହ କରି ଜୀବିକା ଜୀବିକା ନିର୍ବାହ କରନ୍ତି ।<br>• ଅର୍ଦ୍ଧ-ଭ୍ରମଣଶୀଳ ଜୀବନଶୈଳୀ<br>• ଚାଷୋପଯୋଗୀ ଜମି ଉପରେ ଅଣ ଅଧିକାର । | ଘର ମଧ୍ୟକୁ ବାୟୁ ଚଳାଚଳର ଅଭାବ |
| ୧୨ | ଚୁକ୍‌ଟିଆ ଭୁଞ୍ଜିଆ | ଚୁକଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡ଼ା | • ମ୍ୟାଲେରିଆ ପ୍ରବଣ ଅଞ୍ଚଳ<br>• ଯକ୍ଷ୍ମା, ସାଧାରଣ ଚର୍ମରୋଗ ଓ ଜଳଦ୍ୱାରା ସଂକ୍ରମିତ ରୋଗ ।<br>• ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ । | ଦୁର୍ଗମ ବସତି ଅଂଚଳ |
| ୧୩ | ଲୋଧା | ଲୋଧା ଉନ୍ନୟନ ସଂସ୍ଥା ମୋରଡ଼ା | | |





# ଏକାଦଶ ଯୋଜନା କାଳରେ ପ୍ରାଚୀନତମ ଜନଜାତିଙ୍କ ବିକାଶ ଉପରେ ଗୁରୁତ୍ୱ

- ପାରଂପରିକ ସଂସ୍କୃତି ଭିତରେ ଥିବା ସର୍ବୋତ୍ତମ ଅଂଶ ସମୂହର ସଂରକ୍ଷଣ ସହିତ ଯୋଜନା ଅନୁକୂଳ ଫଳପ୍ରଦ ପରିବର୍ତ୍ତନ ।
- ଗମନାଗମନ ଓ ଯୋଗାଯୋଗର ସୁବିଧା ନିମନ୍ତେ ରାସ୍ତାଘାଟ ଓ ପୋଲ ନିର୍ମାଣ ଉପରେ ଗୁରୁତ୍ୱ ।
- ଅଗ୍ନି ନିରୋଧକ ଛାତ ନିର୍ମାଣ ନିମନ୍ତେ ଆବଶ୍ୟକ ଉପକରଣ ଯୋଗାଣ ।
- ନିରାପଦ ପାନୀୟ ଜଳଯୋଗାଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ସ୍ୱରୂପ ପାହାଡ଼ି ଝରଣାର ଜଳକୁ ପରିଷ୍କାର କରି ପାଇପ ସାହାଯ୍ୟରେ ଯୋଗାଇଦେବା ଓ ନଳକୂପ ଖନନ କରିବା ଆଦିର ବିହିତ ବ୍ୟବସ୍ଥା କରିବା ।
- କୃଷିକ୍ଷେତ୍ରକୁ ଜଳସେଚନର ସୁବିଧା ନିମନ୍ତେ କ୍ଷେତ୍ରୀୟ କେନାଲ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୁଷ୍କରିଣୀ ଖନନ ଓ ବନ୍ଧ ନିର୍ମାଣ (check dam) ଉପରେ ଗୁରୁତ୍ୱ ଦେବା ।
- ଉଦ୍ୟାନ କୃଷି, ସେପାନ କୃଷି ଓ ଜୈବକୃଷି ଉପରେ ପ୍ରାଧାନ୍ୟ ଦେବା ସହିତ ସମୟ ସ୍ରୋତରେ ପରୀକ୍ଷିତ ଫଳପ୍ରଦ ସଫଳ କୃଷି ପଦ୍ଧତିର ସଂରକ୍ଷଣ କରିବା । ଶ୍ରମ ସମବାୟ, କଳା କୌଶଳ, ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ସଂରକ୍ଷଣ କରିବା ।
- ଅଣ-ଆନୁଷ୍ଠାନିକ ଶିକ୍ଷା ସହ ଆନୁଷ୍ଠାନିକ ଶିକ୍ଷାର ବିକାଶ ସାଧନ କରିବା, ଅଧିକରୁ ଅଧିକ ଶିକ୍ଷାୟତନ ଗଢ଼ିବା ଓ ପିଲାମାନଙ୍କୁ ଲିଖନ ପଠନ ସାମଗ୍ରୀ ଯୋଗାଇଦେବା ।
- ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଉନ୍ନତି ଆଣିବା ସହିତ ସ୍ୱାସ୍ଥ୍ୟ ସୁବିଧାର ବନ୍ଦୋବସ୍ତ କରିବା । ଏଥିସହିତ ଭ୍ରାମ୍ୟମାଣ ଡାକ୍ତରୀ ସେବା ଯୋଗାଇବା ଓ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ।

# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠି ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ଏହି ପରିଚୟାତ୍ମକ ପୁସ୍ତିକାରେ ପ୍ରାଚୀନତମ ଜନଜାତିଙ୍କ ପରିସଂଖ୍ୟାନ ବିବରଣୀ ଦିଆଯାଇ ପାଠକଙ୍କ ଆବଶ୍ୟକତାକୁ ଉପଲବ୍ଧ କରାଯାଇଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ




**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲ୍ଟାନ୍ସି